# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL 2014**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.19.Mar& Apr - 2014. No-2

Published every two months in Oriya language for the Restoration of pure New Testament Christianity

## ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ

# VOICE OF TRUTH

**VOL - XIX KAKINADA MAR-APR-2014**

## ଈଶ୍ୱରଙ୍କ ତତ୍ତ୍ୱ

## (Essence of the God-head)

ପୁରାତନ ନିୟମର ଅଧିକାଂଶ ପୁସ୍ତକ ଏବ୍ରୀ ଭାଷାରେ ଲିଖିତ ହୋଇଅଛି । ମହାମହିମ ଈଶ୍ୱରଙ୍କୁ ଏହି ଭାଷାରେ ''Elohim'' ବୋଲି ବର୍ଣ୍ଣନା କରାଯାଏ । ଏହା ଏକ ବହୁବଚନ ପଦ । ଯାହା ଅର୍ଥ ଈଶ୍ୱରଗଣ । ଏହାର ଅର୍ଥ ନୁହେଁ ଯେ, ଏକାଧିକ ଈଶ୍ୱର ଅଛନ୍ତି । ବାଇବଲ ଏକମାତ୍ର ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଶିକ୍ଷା ଦିଏ । (ଦ୍ୱି.ବି. ୬:୪, ଯିଶାଇୟ ୪୪:୬, ୧ମ କରିନ୍ଥୀ ୮:୪) । ଏହି ଈଶ୍ୱରତ୍ୱରେ ବିଭିନ୍ନ ବ୍ୟକ୍ତିତ୍ୱ ଅଛନ୍ତି, ଯାହାଙ୍କୁ ଏବ୍ରୀ ଭାଷାରେ Elohim ବୋଲି କହୁ ।

ଆମ୍ଭେମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ ଆପଣା ଶିଷ୍ୟମାନଙ୍କୁ ''ନମୂନା ପ୍ରାର୍ଥନା''ରେ ପରମେଶ୍ୱରଙ୍କୁ ''ପିତା'' ବୋଲି ସମ୍ବୋଧନ କରିବା ନିମନ୍ତେ ଶିକ୍ଷା ଦେଇଥିଲେ । (ମାଥିଉ ୬:୯) ଖ୍ରୀଷ୍ଟ ନିଜେ ପରମେଶ୍ୱରଙ୍କୁ ''ପିତା'' ବୋଲି ସମ୍ବୋଧନ କରି ପ୍ରାର୍ଥନା କରୁଥିଲେ । (ମାଥିଉ ୧୧:୨୫-୨୭, ଯୋହନ ୬:୨୭) ଯେଉଁ ଈଶ୍ୱର ଆଦ୍ୟରେ ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କରିଥିଲେ, ସେ ''ପିତା'' ପରମେଶ୍ୱର ଅଟନ୍ତି । ପିତା ପରମେଶ୍ୱର ଏହି ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ପ୍ରିୟ ପୁତ୍ରଙ୍କୁ ମନୁଷ୍ୟମାନଙ୍କୁ ପାପରୁ ମୁକ୍ତି ନିମନ୍ତେ ପ୍ରେରଣ କରିଥିଲେ । ତାହାଙ୍କ ବଳିଦାନ ଦ୍ୱାରା ମନୁଷ୍ୟର ମୁକ୍ତି ସାଧିତ ହୋଇଅଛି । (୧ମ ଯୋହନ ୪:୧୧)

ବାଇବଲନୁଯାୟୀ ''ପୁତ୍ର ଯୀଶୁଖ୍ରୀଷ୍ଟ'' ମଧ୍ୟ ଈଶ୍ୱର ଅଟନ୍ତି । ସେ ପିତା ପରମେଶ୍ୱରଙ୍କ ଠାରୁ ନ୍ୟୁନ ନୁହନ୍ତି । ଈଶ୍ୱରତ୍ୱରେ ପିତାଙ୍କ ସମତୂଲ୍ୟ ପୁତ୍ର ମଧ୍ୟ ଈଶ୍ୱର ଅଟନ୍ତି । ବାକ୍ୟ କହେ, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ

ଥିଲେ । ସେହି ବାକ୍ୟ ଈଶ୍ୱର ଥିଲେ.....ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ ହେଲା, ଆଉ ଯେ ସମସ୍ତ ସୃଷ୍ଟ ହୋଇଅଛି, ସେଥି ମଧ୍ୟରୁ ଗୋଟିଏ ସୁଦ୍ଧା ତାହାଙ୍କ ବିନା ସୃଷ୍ଟି ହୋଇନାହିଁ ...ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।'' (ଯୋହନ ୧:୧-୩ ଓ ୧୪) । ''ବାକ୍ୟ ଶରୀର ଧାରଣ କଲା''- ଅର୍ଥାତ୍ ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହୋଇଥିଲା, ସେ ଶରୀର ଧାରଣ କରି ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ''ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ।'' (ଆଦି ୧:୧)

ଖ୍ରୀଷ୍ଟଙ୍କ ସଦୃଶ୍ୟ ଆପଣାକୁ ନତ କରିବାକୁ ପାଉଲ ଫିଲୀପୀୟ ଖ୍ରୀଷ୍ଟିୟାନମାନଙ୍କୁ କହିଥିଲେ, ''ସେ ଈଶ୍ୱରରୂପୀ ହେଲେହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ ।'' (ଫିଲିପ ୨:୬,୭) । ଖ୍ରୀଷ୍ଟଙ୍କ ବିଷୟରେ ସେ ରୋମୀୟ ମଣ୍ଡଳୀକୁ କହନ୍ତି, ''ପିତୃପୁରୁଷମାନେ ସେମାନଙ୍କର, ଆଉ ଶାରୀରିକ ଭାବେ ସେମାନଙ୍କ ମଧ୍ୟରୁ ଯୀଶୁଖ୍ରୀଷ୍ଟ ଉତ୍ପନ୍ନ, ସେହି ସର୍ବାଧିପତି ଈଶ୍ୱର ଯୁଗେ ଯୁଗେ ଧନ୍ୟ । ଆମେନ୍ ।'' (ରୋମୀୟ ୯:୬) । ମାଥିଉ ୧୬:୧୮ ପଦରେ ପୁତ୍ର ଯୀଶୁଖ୍ରୀଷ୍ଟ ଆପଣା ମଣ୍ଡଳୀ ସ୍ଥାପନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ, ଯାହା ସେ ସ୍ଥାପନ କରିଥିଲେ । ଏହାର ବିବରଣ ଆମ୍ଭେମାନେ ପ୍ରେରିତ ୨:୩୭-୪୭ ପଦରେ ପଢ଼ିପାରୁ ।

ପ୍ରେରିତ ପାଉଲ ଏଫିସୀ ମଣ୍ଡଳୀର ଅଧ୍ୟକ୍ଷମାନଙ୍କୁ କହିଥିଲେ, ''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରୟ କରି ଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷରୂପେ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ ।'' (ପ୍ରେରିତ ୨୦:୨୮) । ଏଫିସୀ ୫:୨୫ ପଦରେ ଖ୍ରୀଷ୍ଟ ମଣ୍ଡଳୀ ନିମନ୍ତେ ଆପଣାକୁ ଉତ୍ସର୍ଗ କରିଥିଲେ ବୋଲି ଲିଖିତ ଥିବାବେଳେ ଉପରୋକ୍ତ ବାକ୍ୟରେ 'ଈଶ୍ୱର ଆପଣା ରକ୍ତ ଦ୍ୱାରା' ମଣ୍ଡଳୀକୁ କ୍ରୟ କରିଅଛନ୍ତି ବୋଲି ଲିଖିତ ହୋଇଅଛି ।

ଦ୍ୱିତୀୟରେ, ପବିତ୍ର ଆତ୍ମା ଅଧ୍ୟକ୍ଷମାନଙ୍କୁ ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ନିଯୁକ୍ତ କରିଅଛନ୍ତି ବୋଲି କୁହାଯାଏ । 'ପବିତ୍ର ଆତ୍ମା' ଈଶ୍ୱରତ୍ୱର ତୃତୀୟ ବ୍ୟକ୍ତିତ୍ୱ । ମଣ୍ଡଳୀ ଈଶ୍ୱରଙ୍କ ଗୃହ । ତାହାଙ୍କ ଗୃହରେ କୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିବା, ତାହାଙ୍କ ଅଧିକାର ଗତ । ତାହାଙ୍କ ଗୃହରେ ଅଧ୍ୟକ୍ଷମାନଙ୍କୁ ନିଯୁକ୍ତ କରିବା ତାହାଙ୍କ ଅଧିକାରଧୀନ । କାରଣ ପବିତ୍ର ଆତ୍ମା ମଧ୍ୟ ଈଶ୍ୱର ଅଟନ୍ତି ।

ବାକ୍ୟସ୍ୱରୂପୀ ଈଶ୍ୱର ଏହି ଜଗତରେ କନ୍ୟା ମରିୟମଙ୍କ ପବିତ୍ର ଆତ୍ମାଙ୍କ ଶକ୍ତିରେ ଜନ୍ମଗ୍ରହଣ କରିଥିଲେ । ଏହି ସୁନ୍ଦର ଓ ଆଶ୍ଚର୍ଯ୍ୟମୟ କାହାଣୀ ଆମ୍ଭେମାନେ ମାଥିଉ ସୁସମାଚାରର ପ୍ରଥମ ଓ ଦ୍ୱିତୀୟ ଅଧ୍ୟାୟରେ ଏବଂ ଲୂକ ସୁସମାଚାର ଦ୍ୱିତୀୟ ଅଧ୍ୟାୟରେ ପଢ଼ିପାରୁ । ଏହି ଅଧ୍ୟାୟଗୁଡ଼ିକରେ ଈଶ୍ୱରତ୍ୱର ତିନୋଟି ବ୍ୟକ୍ତିତ୍ୱ, ମନୁଷ୍ୟ ପରିତ୍ରାଣର ଯୋଜନାରେ କିପରି କାର୍ଯ୍ୟ କରିଥିଲେ ଜାଣିପାରୁ । ପିତା ପରମେଶ୍ୱର ବାକ୍ୟ ସ୍ୱରୂପ ଈଶ୍ୱରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । କନ୍ୟା ମରିୟମ ପବିତ୍ର ଆତ୍ମାଙ୍କ କର୍ତ୍ତୃକରେ ଗର୍ଭଧାରଣ କରି, ଈଶ୍ୱରଙ୍କ ପୁତ୍ର ମନୁଷ୍ୟମାନଙ୍କ ତ୍ରାଣକର୍ତ୍ତାଙ୍କୁ ଜନ୍ମ ଦେଇଥିଲେ । ଏଠାରେ ଈଶ୍ୱରତ୍ୱ ସଂପୂର୍ଣ୍ଣ ଐକ୍ୟତା ଏଠାରେ ଆମ୍ଭେମାନେ ଦେଖିବାକୁ ପାଇପାରୁ ।

ଯୀଶୁଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କାର୍ଯ୍ୟ ଆରମ୍ଭ କରିବା ପୂର୍ବେ ସେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ସମୟରେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ଐକ୍ୟତା ପ୍ରକଟିତ ହୁଏ । ମାଥିଉ ଏହି ଘଟଣାକୁ ଏପରି ଭାବେ ବର୍ଣ୍ଣନା କରନ୍ତି, ''ଯୀଶୁ ବାପ୍ତିଜିତ ହେବା କ୍ଷଣି ଜଳରୁ ଉଠି ଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' (ମାଥିଉ ୩:୧୬,୧୭)

ପିତା ପରମେଶ୍ୱର, ବାକ୍ୟସ୍ୱରୂପୀ ପୁତ୍ର ପରମେଶ୍ୱର ଓ ସାହାଯ୍ୟକାରୀ ପବିତ୍ର ଆତ୍ମା ପରମେଶ୍ୱର ସତ୍ୟ ପରମେଶ୍ୱର **Elohim**ର ତିନୋଟି ବ୍ୟକ୍ତିତ୍ୱ, ଯାହାଙ୍କ ଦ୍ୱାରା ସ୍ୱର୍ଗ ଓ ପୃଥିବୀ ସୃଷ୍ଟି ହୋଇଅଛି, ଯାହାଙ୍କ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ । ମନୁଷ୍ୟର ପରିତ୍ରାଣରେ ଈଶ୍ୱରତ୍ୱର ତିନୋଟି ବ୍ୟକ୍ତିଙ୍କ ତିନୋଟି କାର୍ଯ୍ୟ

ଅଛି । ମନୁଷ୍ୟର ପାପକ୍ଷମା ନିମନ୍ତେ ବାକ୍ୟ ସ୍ୱରୂପୀ ପୁତ୍ରଙ୍କୁ, ପିତା ପରମେଶ୍ୱର ଏହି ଜଗତକୁ ପ୍ରେରଣ କରିଥିଲେ । ଯୀଶୁଖ୍ରୀଷ୍ଟ ଏହି ଜଗତରେ ତେତିଶି ବର୍ଷ ଜୀବନ ମନୁଷ୍ୟ ଶରୀରଧାରୀ ହୋଇ, ଏହି ଜଗତରେ ଜୀବନଯାପନ କରିଥିଲେ । ତାହାଙ୍କ କ୍ରୁଶୀୟ ମୃତ୍ୟୁ, ସମାଧି ଓ ପନୁଃରୁଥାନ ପରେ, ସେ ମହାମହିମ ପିତାଙ୍କ ନିକଟକୁ ସ୍ୱସ୍ଥାନ ଫେରିଯାଇ, ଏହି ଜଗତକୁ ସେ ପବିତ୍ର ଆତ୍ମାଙ୍କୁ ପ୍ରେରଣ କରିଥିଲେ । ସହାଯ୍ୟକାରୀ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟ ଶିକ୍ଷା ଦିଅନ୍ତି, ସ୍ମରଣ କରାନ୍ତି, ସାହାଯ୍ୟ କରନ୍ତି । (ଯୋହନ ୧୪:୨୫,୨. ଯୋହନ ୧୬:୫୫-୧୫, ପ୍ରେରିତ ୧:୧-୮, ପ୍ରେରିତ ୨:୧-୪)

ତଥାପି ଈଶ୍ୱରତ୍ୱର ପ୍ରତ୍ୟେକ ବ୍ୟକ୍ତିତ୍ୱ ସମତୁଲ୍ୟ ପରମେଶ୍ୱର ଅଟନ୍ତି । ଏହି ସତ୍ୟତା ଆମ୍ଭେମାନେ ଜ୍ଞାତ ହେଲେ, ସ୍ୱର୍ଗାରୋହଣ ପୂର୍ବେ ଯୀଶୁଙ୍କ ଏହି ଆଜ୍ଞା ବୁଝିପାରୁ । ଯାହା କହେ, ‘‘......ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ,ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।’’ (ମାଥିଉ ୨୮:୧୮-୨୦) । ଏଠାରେ ‘ନାମଗୁଡ଼ିକ’ ବୋଲି ନ କହି ‘ନାମରେ’ ବୋଲି ଯୀଶୁ ଆଜ୍ଞା ଦେଇଥିଲେ ।

ପେଣ୍ଟିକଷ୍ଟ ଦିନରେ ପ୍ରେରିତ ପିତର, ଯିରୁଶାଲମରେ ଏକତ୍ରିତ ଯିହୂଦୀ ଜନତାକୁ କହିଥିଲେ, ‘‘......ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟ ନାମରେ ବାପ୍ତିଜିତ ହୁଅନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନପ୍ରାପ୍ତ ହେବେ ।’’ (ପ୍ରେରିତ ୨:୩୮) । ଏଠାରେ ଯୀଶୁ ଯାହା କହିଥିଲେ, ତା’ ବିରୁଦ୍ଧରେ ପିତର କହି ନ ଥିଲେ । କାରଣ ଆମ୍ଭେମାନେ ଯାହା କିଛି ‘ଯୀଶୁଖ୍ରୀଷ୍ଟଙ୍କ ନାମରେ’ କରୁ, ତାହା ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ଦତ୍ତ ଅଧିକାର ଦ୍ୱାରା କରୁ ।

ପରମେଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଦାନର ପ୍ରତିଜ୍ଞାରେ ହନନିୟ ପଛେଇ ଯାଇ, କିଛି ଅଂଶ ଆପଣା ନିମନ୍ତେ ଲୁଚାଇ ରଖିବାରୁ, ପ୍ରେରିତ ପିତର ତାହାଙ୍କୁ କହିଥିଲେ, ‘‘.......ହେ ହନନିୟ, ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ ଓ

ଭୂମିର ମୂଲ୍ୟରୁ କିଛି ଲୁଚାଇ ରଖିବାକୁ କାହିଁକି ଶୟତାନ ତୁମ୍ଭ ହୃଦୟ ସମ୍ପୂର୍ଣ୍ଣ ଅଧିକାର କରିଅଛି ? ବିକ୍ରୟ ନ ହେବା ପୂର୍ବେ ତାହା କଅଣ ତୁମ୍ଭ ନିଜର ହୋଇ ନ ଥିଲା ? ତେବେ ତୁମ୍ଭେ କିପରି ଏ ବିଷୟ ଭାବିଲ ? ତୁମ୍ଭେ ଯେ ମନୁଷ୍ୟ ନିକଟରେ ମିଥ୍ୟା କହିଲ, ତାହା ନୁହେଁ, ମାତ୍ର ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ ।'' (ପ୍ରେ:କା ୫:୩,୪)

୩ୟ ପଦରେ ସେ ''ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିବାକୁ'' କହି ୪ର୍ଥ ପଦରେ ''ଈଶ୍ୱରଙ୍କ ନିକଟରେ ମିଥ୍ୟା କହିଲ'' ବୋଲି ପ୍ରେରିତ ପିତର ହନନିୟଙ୍କୁ କହନ୍ତି, କାରଣ ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି ।

ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ପ୍ରେରିତ ଯୋହନଙ୍କୁ ପାଟ୍ମ ଦ୍ୱୀପରେ କହିଥିଲେ, ''ବର୍ତ୍ତମାନ, ଭୂତ ଓ ଭବିଷ୍ୟତ, ଯେ ସର୍ବଶକ୍ତିମାନ, ସେହି ପ୍ରଭୁ ଈଶ୍ୱର କହନ୍ତି, ଆମ୍ଭେ କ ଓ କ୍ଷ ।'' (ପ୍ରକାଶିତ ବାକ୍ୟ ୧:୮) । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ୭୦୦ ବର୍ଷ ପୂର୍ବେ ଭାବବାଦୀ ଯିଶାଇୟଙ୍କ ଦ୍ୱାରା ପ୍ରଭୁ ବ୍ୟକ୍ତ କରି କହିଥିଲେ, ''ସଦାପ୍ରଭୁ, ଇସ୍ରାଏଲ୍‌ର ରାଜା ଓ ତାହାର ମୁକ୍ତିଦାତା ସୈନ୍ୟାଧିପତି ସଦାପ୍ରଭୁ ଏହି କଥା କହନ୍ତି, ଆମ୍ଭେ ଆଦି ଓ ଆମ୍ଭେ ଅନ୍ତ, ପୁଣି ଆମ୍ଭ ଛଡ଼ା ପରମେଶ୍ୱର ଆଉ ନାହିଁ ।'' (ଯିଶାଇୟ ୪୪:୬)

ଏକ ମାତ୍ର ଈଶ୍ୱର । ସେ ହିଁ ପିତା, ପୁତ୍ର ଓ ପବିତ୍ର ଆତ୍ମା । ଆମ୍ଭେମାନେ ପୁତ୍ରଙ୍କ ଆଜ୍ଞା ପାଳନ କଲେ, ପିତା ଓ ପବିତ୍ର ଆତ୍ମାଙ୍କ ଆଜ୍ଞା ମଧ୍ୟ ପାଳନ କରିଥାଉଁ । ଯେବେ ଆମ୍ଭେ ଏକଙ୍କ ଆଜ୍ଞା ଅମାନ୍ୟ କରୁ, ଅନ୍ୟଙ୍କ ଆଜ୍ଞା ସୁଦ୍ଧା ଅମାନ୍ୟ କରୁ । ଆସ, ଆମ୍ଭେମାନେ ଏହି ମହାନ୍ ପରମେଶ୍ୱରଙ୍କୁ ପ୍ରେମ କରୁ, ଆଜ୍ଞା ବହ ହେଉ ଓ ଉପାସନା କରୁ ।

***- Sunny David***

# ଆଦିମ ମଣ୍ଡଳୀର ସଫଳତାର କାରଣ
## (Why the early Church was successful)

ଖ୍ରୀଷ୍ଟଧର୍ମର ନିନ୍ଦକମାନେ ମଧ୍ୟ, ପ୍ରଥମ ଶତାବ୍ଦୀର ମଣ୍ଡଳୀର ଅଭିବୃଦ୍ଧି ଦେଖି, ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ବୈଦ୍ୟ ଲୂକ ଏ ବିଷୟରେ ଆପଣା ପୁସ୍ତକରେ ଲେଖିଅଛନ୍ତି, ''ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।'' (ପ୍ରେ:କା ୨:୪୧) । ତଥାପି ବାକ୍ୟ ଶୁଣିବା ଲୋକମାନଙ୍କ ସଂଖ୍ୟା ପ୍ରାୟ ପାଞ୍ଚ ସହସ୍ର ହେଲା । (୪:୪) । ''ପୁଣି, ଆହୁରି ଅଧିକ ଅନେକ ପୁରୁଷ ଓ ସ୍ତ୍ରୀ ବିଶ୍ୱାସ କରି ପ୍ରଭୁଙ୍କ ସହିତ ସଂଯୁକ୍ତ ହେବାକୁ ଲାଗିଲେ ।'' (୫:୧୪) । ''......ଶିଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା ।'' (୬:୧) ''ଏଥିଉତ୍ତାରେ ଈଶ୍ୱରଙ୍କ ବାକ୍ୟ ଅଧିକ ବ୍ୟାପିଗଲା ଏବଂ ଯିରୂଶାଲମରେ ଶିଷ୍ୟମାନଙ୍କ ସଂଖ୍ୟା ଅତିଶୟ ବୃଦ୍ଧି ପାଇବାକୁ ଲାଗିଲା ।.....'' (୬:୭) ଯିରୂଶାଲମରେ ଶିଷ୍ୟମାନଙ୍କୁ ତାଡ଼ନା ଘଟିବା ପୂର୍ବେ, ଅନ୍ତକୁ ଅନ୍ତ ଖ୍ରୀଷ୍ଟିୟାନମାନଙ୍କ ସଂଖ୍ୟା ୫,୦୦୦କୁ ବୃଦ୍ଧି ପାଇଥିଲା । ପ୍ରଥମ ଶତାବ୍ଦୀର ମଣ୍ଡଳୀ ଅଭିବୃଦ୍ଧିର ରହସ୍ୟ କଅଣ ? ଶହେ କୋଡ଼ିଏ ଭୟାଳୁ ଶିଷ୍ୟମାନଙ୍କ ଉଦ୍ୟମ ଏପରି ଭାବେ କିପରି ବୃଦ୍ଧି ପାଇ ପାରିଥିଲା ? ଏହି ଅଭିବୃଦ୍ଧିର ଅନେକ କାରଣ ଅଛି, ସେଥି ମଧ୍ୟରୁ କେତୋଟି ନିମ୍ନରେ ଉଲ୍ଲେଖିତ କରାଯାଇଅଛି ।

**କ୍ରୁଶର ଛାୟାରେ ସୀମପ ସୀମିତ ସମୟ :-** ସେମାନଙ୍କ ନିକଟତମ ବନ୍ଧୁ ଓ ନେତାଙ୍କ ନିଷ୍ଠୁର ମରଣ ସେମାନଙ୍କ ଦୃଷ୍ଟିରୁ ଏ ପର୍ଯ୍ୟନ୍ତ ଲିଭି ନ ଥିଲା । ଦୁଇ ମାସ ସମୟାବଧିରେ ସେମାନେ ମଣ୍ଡଳୀର ଅଭିବୃଦ୍ଧିରେ କାର୍ଯ୍ୟ କରିଥିଲେ । କ୍ରୁଶର କିଛି ଦୂରରେ ସେମାନେ ତ୍ରାଣକର୍ତ୍ତାଙ୍କ ନିର୍ଯ୍ୟାତନା ସ୍ୱଚକ୍ଷୁରେ ଦେଖିଥିଲେ, ଲଜ୍ଜିତ ନ ହୋଇ ଖ୍ରୀଷ୍ଟଙ୍କ ବାର୍ତ୍ତା ପ୍ରକଟିତ କରିଥିଲେ ।

**ନିୟମିତ ଭାବେ ଆରାଧନା କରୁଥିଲେ :-** ଭାବବାଦୀ ଯିଶାଇୟଙ୍କ ସଦୃଶ୍ୟ (ଯିଶାଇୟ ୬:୧-୮), ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ, ନିୟମିତ ଭାବେ [illegible] କରିବାର ଆବଶ୍ୟକତା ସନ୍ତୋଷ ଓ ଅଭିବୃଦ୍ଧି ବିଷୟରେ ଜ୍ଞାତ ଥିଲେ । [illegible] ଗୀତ ଗାଇବାରେ, ପ୍ରାର୍ଥନା କରିବାରେ, ଚାନ୍ଦା ଦେବାରେ,

ବାକ୍ୟଧ୍ୟାନ କରିବାରେ, ପ୍ରଭୁଭୋଜ ପାଳନ କରିବାରେ  ନିମଗ୍ନ ରହୁଥିଲେ । ଯେଉଁମାନେ ମଣ୍ଡଳୀ ଆରାଧନାରେ ନିୟମିତ ଭାବେ ଯୋଗ ଦବାରେ ଅବହେଳା କରିଥିଲେ, ତାଡ଼ନା ଘଟିବା ସମୟରେ ମଣ୍ଡଳୀ ପରିତ୍ୟାଗ କରିଥିଲେ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ବିଷୟରେ କୁହାଯାଏ, ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨:୪୨)

**ପବିତ୍ର ଜୀବନଯାପନ କରୁଥିଲେ :-** ଆପଣା ସମ୍ପତ୍ତି ବିକ୍ରୟ ମୂଲ୍ୟରୁ କିଛି ଲୁଚାଇ, କିଛି ପିତରଙ୍କ ପାଦ ତଳେ ରଖିବା ସ୍ୱାମୀ ଓ ଭାର୍ଯ୍ୟା, ହନନିୟ ଓ ଶଫୀରାଙ୍କ ଅକାଳ ମୃତ୍ୟୁରେ ମଣ୍ଡଳୀର ସମସ୍ତେ ଅତିଶୟ ଭୟଭୀତ ହୋଇଥିଲେ । (ପ୍ରେରିତ ୫:୧୧) । ମଣ୍ଡଳୀର ଅଭିବୃଦ୍ଧି ଦେଖି ଅନେକ ପୁରୁଷ ଓ ସ୍ତ୍ରୀ ମଣ୍ଡଳୀରେ ସଂଯୁକ୍ତ ହେଲେ । ଆଧୁନିକ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ଠାରେ ଭୟ ଓ ଭକ୍ତିରେ ଜୀବନଯାପନ କରିବା ଠାରୁ, ଅଧିକ ଭାବେ ସିଦ୍ଧାନ୍ତ ଉପରେ ଅଧିକ ପ୍ରାଧାନ୍ୟତା ଦେଉଅଛନ୍ତି । କିନ୍ତୁ ଖ୍ରୀଷ୍ଟିୟାନ ଜୀବନରେ ଦ୍ୱୟ ବିଷୟ ସମାନ ଭାବେ ପ୍ରମୁଖ ଅଟେ । ପବିତ୍ର ଜୀବନ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟଙ୍କ ମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ ଥିଲା ।

**ଈଶ୍ୱରଙ୍କ ବାକ୍ୟର ଶକ୍ତିକୁ ସମାଦର କଲେ :-** ସେମାନଙ୍କ ଅଭିବୃଦ୍ଧି ସେମାନଙ୍କ ସ୍ୱଚେଷ୍ଟାରେ ପ୍ରାପ୍ତ ହୋଇଥିଲା ବୋଲି ସେମାନଙ୍କ ବିଶ୍ୱାସ ନ ଥିଲା । ସେମାନେ ଆନନ୍ଦ ସହ ତାଡ଼ନା ସହ୍ୟ କରୁଥିଲେ । ସାହସ ସହ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରୁଥିଲେ । (ପ୍ରେରିତ ୪:୩୧, ୫:୪୧) । ତାଡ଼ନା, କ୍ଲେଶ, କଷ୍ଟ ସମୟରେ ଆହୁରି ଅଧିକ ଭାବେ ଦୃଢ଼ ସଂକଳ୍ପିତ ହୋଇ, ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିଥିଲେ । ଦୃଢ଼ ସଂକଳ୍ପିତ ହୋଇ, ଖ୍ରୀଷ୍ଟୀୟ ଯୋଦ୍ଧାମାନେ ପରମେଶ୍ୱରଙ୍କ କ୍ଷେତ୍ରରେ ପରିଚାରକ ବୋଲି ଜ୍ଞାତ ହୋଇ, ପରମେଶ୍ୱରଙ୍କ ନିମନ୍ତେ କର୍ମ କରିଥିଲେ । ଏହି ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସେମାନେ କେତେ ସୁନ୍ଦର ଆଦର୍ଶ !

***- Jerry Jenkins***

# ଖ୍ରୀଷ୍ଟଙ୍କ ଠାରେ ବିଜୟ !
## (Victory in Jesus)

ନୂତନ ନିୟମରେ ଖ୍ରୀଷ୍ଟିୟାନ ଜୀବନକୁ ଅନେକ ଭାବେ ବର୍ଣ୍ଣନା କରାଯାଇଅଛି । ଯୀଶୁଖ୍ରୀଷ୍ଟ ଆପଣା ଆପଣା କ୍ରୁଶ ବହନ କରି, ଖ୍ରୀଷ୍ଟିୟାନ ଜୀବନଯାପନ କରିବାକୁ ହେବ ବୋଲି ମାଥିଉ ୧୬:୨୪ରେ କହିଅଛନ୍ତି । ଏବ୍ରୀ ପୁସ୍ତକରେ ଏହା ଏକ 'ଦୌଡ଼' ସହିତ ତୁଳନା କରାଯାଏ । (ଏବ୍ରୀ ୧୨:୨) ଏକ ନବଜାତ ଶିଶୁ ଯେପରି ଦୁଗ୍ଧ ପାନ କରି ଦିନକୁ ଦିନ ଅଭିବୃଦ୍ଧି ପାଏ, ଖ୍ରୀଷ୍ଟିୟାନମାନଙ୍କ ଜୀବନ ଏପରି ଭାବେ ଅଭିବୃଦ୍ଧି ପାଇବା ଆବଶ୍ୟକ ବୋଲି ପ୍ରେରିତ ପିତର ଆମ୍ଭମାନଙ୍କୁ ଶିକ୍ଷା ଦିଅନ୍ତି । (୧ମ ପିତର ୨:୯)

ନୂତନ ନିୟମ ଖ୍ରୀଷ୍ଟିୟାନ ଜୀବନକୁ ଏକ ଯୁଦ୍ଧ ରୂପେ ତୁଳନା କରାଯାଏ, ପ୍ରେରିତ ପାଉଲ ଯୁବକ ତୀମଥିକୁ ଆଜ୍ଞା ଦେଇ କହନ୍ତି, ''ବିଶ୍ୱାସର ଉତ୍ତମ ଯୁଦ୍ଧରେ ପ୍ରାଣପଣ କର, ଅନନ୍ତ ଜୀବନ ଧରି ରଖ, ସେଥିପାଇଁ ତ ତୁମ୍ଭେ ଆହୂତ ହୋଇଅଛ ଓ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଉତ୍ତମ ସାକ୍ଷ୍ୟ ଦେଇଅଛ ।'' (୧ମ ତୀମଥି ୬:୧୨) । ''କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟଆତ୍ମାମାନଙ୍କ ବିରୁଦ୍ଧରେ ।'' (ଏଫିସୀ ୬:୧୨) ଏହା ହିଁ ପ୍ରକାଶିତ ୧୬:୧୬ ପଦରେ ବର୍ଣ୍ଣିତ ''ହର୍ମିଗିଦ୍ଦୋନ୍'' ଯୁଦ୍ଧ ।

ଆନନ୍ଦର ବିଷୟ ଏହି ଯେ, ଏହି ଯୁଦ୍ଧର ଫଳାଫଳ ୨୦୦୦ ବର୍ଷ ପୂର୍ବେ ଘୋଷିତ ହୋଇଅଛି । ''ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହି ସମସ୍ତ ବିଷୟରେ ସର୍ବୋତଭାବେ ବିଜୟୀ ଅଟୁ ।'' (ରୋମୀୟ ୮:୩୭) ନିମ୍ନଲିଖିତ କ୍ଷେତ୍ରରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ବିଜୟପ୍ରାପ୍ତ ହୋଇଅଛୁ ।

**୧) ଜୀବନରେ ବିଜୟ :- ଖ୍ରୀଷ୍ଟିୟ ଜୀବନର ସଫଳତା ଧନସମ୍ପଦ ଅର୍ଜ୍ଜନ କରିବାରେ, କିଅବା ସମାଜରେ ଗୌରବମୟ ସ୍ଥାନ ଗ୍ରହଣ କରିବା ନୁହେଁ । କିନ୍ତୁ ଖ୍ରୀଷ୍ଟଙ୍କ ସହ ସହଭାଗିତାରେ ଜୀବନଯାପନ କରିବା । ''.....ତୁମ୍ଭମାନଙ୍କ ମଧ୍ୟରେ ଖ୍ରୀଷ୍ଟ, ସେ ଗୌରବର ଭରସାସ୍ୱରୂପ ।'' (କଲସୀ ୧:୨୭) । ଖ୍ରୀଷ୍ଟଙ୍କର ଏକ**

ସୈନ୍ୟ ଭାବେ ଆମ୍ଭେମାନେ ଅସ୍ତ୍ରଶସ୍ତ୍ର ଧାରଣ କରିଅଛୁ, ଯାହା "......ଶାରୀରିକ ନୁହେଁ, ମାତ୍ର ଦୃଢ଼ ଗଡ଼ ଭୂମିସାତ କରିବା ନିମନ୍ତେ, ଈଶ୍ୱରଙ୍କ ଦୃଷ୍ଟିରେ ସେହିସବୁ ଶକ୍ତିଯୁକ୍ତ ଅଟେ।" (୨ କରିନ୍ଥୀ ୧୦:୪) ଶୟତାନର ପ୍ରଲୋଭନର ଦୈନିକ ଯୁଦ୍ଧ କ୍ଷେତ୍ରରେ ଆମ୍ଭେମାନେ "ଆତ୍ମାଙ୍କ ଖଡ଼୍‌ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ" ଦ୍ୱାରା ବିଜୟୀ ହୋଇ ଥାଉ। (ଏଫିସୀ ୬:୧୭)

**୨) ମୃତ୍ୟୁରେ ବିଜୟ :-** ନରକର ବଳ ମଧ୍ୟ, ମଣ୍ଡଳୀକୁ ପରାଜୟ କରିପାରିବ ନାହିଁ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି। (ମାଥିଉ ୧୬:୧୮) ମୃତ୍ୟୁରୁ ପୁନଃରୁତ୍ଥିତ ହୋଇ, ଯୀଶୁଖ୍ରୀଷ୍ଟ ମୃତ୍ୟୁକୁ ପରାଜୟ କରିଅଛନ୍ତି। "ଆମ୍ଭେମାନେ ତାହାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଜୟପ୍ରାପ୍ତ ହୋଇଅଛୁ।" କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି। ସେ ମୃତ୍ୟୁକୁ ଲୋପ କରିଅଛନ୍ତି , ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି। (୨ ତୀମଥି ୧:୧୦)। ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସତ୍ୟତା, ତାହାଙ୍କ ଶିଷ୍ୟମାନଙ୍କୁ ଅନନ୍ତ ଜୀବନର ଭରସା ଦିଏ। "ଜୟ ମୃତ୍ୟୁକୁ ଗ୍ରାସ କରିଅଛି, "ରେ ମୃତ୍ୟୁ କାହିଁ ତୋର ଜୟ ? ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ?" (କରିନ୍ଥୀ ୧୫:୫୪)

**୩) ବିଜୟ ଅନନ୍ତକାଳ ପର୍ଯ୍ୟନ୍ତ :-** ଖ୍ରୀଷ୍ଟଙ୍କ ଠାରେ ବିଜୟ ମୃତ୍ୟୁକୁ ପରାଜୟ କରି 'ଅନନ୍ତକାଳ'ରେ ବ୍ୟପ୍ତ ହୋଇଅଛି। ".....ସେ ଉର୍ଦ୍ଧ୍ୱରେ ଆରୋହଣ କରି ବନ୍ଦୀମାନଙ୍କୁ ବନ୍ଦୀ କରି ନେଇଗଲେ, ଆଉ ମନୁଷ୍ୟମାନଙ୍କୁ ନାନା ବରଦାନ ଦେଲେ।" (ଏଫିସୀ ୪:୮) ବିଜୟୀ ଯୀଶୁଖ୍ରୀଷ୍ଟ ଆପଣା ବିଶ୍ୱସ୍ତ ଶିଷ୍ୟମାନଙ୍କୁ ଅନନ୍ତଜୀବନ ପ୍ରତିଜ୍ଞା କରିଅଛନ୍ତି। (ରୋମ ୬:୨୩) ଖ୍ରୀଷ୍ଟଙ୍କ ବିଶ୍ୱସ୍ତ ସୈନ୍ୟମାନେ, ଶେଷ ଦିନରେ ଆପଣା ଅସ୍ତ୍ରଶସ୍ତ୍ର ତ୍ୟାଗ କରି, ନ୍ୟାୟବାନ ବିଚାର କର୍ତ୍ତାଙ୍କ ଠାରୁ ଧାର୍ମିକତାର ମୁକୁଟ ପ୍ରାପ୍ତ ହେବେ।" (୨ ତୀଥି ୨:୮)। ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ବିଜୟ ଦେଉଥିବା ପିତା ପରମେଶ୍ୱରଙ୍କୁ ଯୁଗେ ଯୁଗେ ଗୌରବ ହେଉ।

**- Bobbt Dockery**

***Watch your thoughts, they become your words,***
***Watch your words, they become your action,***
***Watch your action, they become your habbit,***
***Watch your habbit, they become your character,***
***Watch your character, they become your destiny.***

# ପ୍ରଭୋ, ଆମ୍ଭମାନଙ୍କୁ ପ୍ରାର୍ଥନା ଶିଖାଅନ୍ତୁ !
## (Lord, teach us to pray )

ଯୀଶୁଖ୍ରୀଷ୍ଟଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ ବିନତୀ କରି କହିଲେ, ''.....ହେ ପ୍ରଭୁ, ଯୋହନ ଯେପରି ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଇଲେ, ଆପଣ ମଧ୍ୟ ସେପରି ଆମ୍ଭମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଅନ୍ତୁ'' (ଲୂକ ୧୧:୧)। ଏହି ପଦରୁ କିପରି ପ୍ରାର୍ଥନା କରିବା ଆବଶ୍ୟକ ଶିକ୍ଷା କରିପାରିବା ବୋଲି ବୁଝିପାରୁ। କିପରି ପ୍ରାର୍ଥନା କରିବା ଆବଶ୍ୟକ ଅନେକ ଜାଣନ୍ତି ନାହିଁ। ଯଦିଓ ଯିହୂଦୀମାନେ ପିତା ପରମେଶ୍ୱର ସ୍ୱକୀୟ ଜନ, ପିତା ପରମେଶ୍ୱର ଠାରେ କିପରି ପ୍ରାର୍ଥନା କରିବା ଆବଶ୍ୟକ ସେମାନେ ଅଜ୍ଞ ଥିଲେ। ପ୍ରାର୍ଥନା ବିଷୟରେ ଶିକ୍ଷିତ ହେବା ନିମନ୍ତେ ଶିଷ୍ୟମାନେ ସର୍ବଶ୍ରେଷ୍ଠ ଶିକ୍ଷକ ନିକଟକୁ ଆସିଥିଲେ। ବାପ୍ତିଜକ ଯୋହନ ମହାନ ଶିକ୍ଷକ ଥିଲେ। ତାହାଙ୍କ ଠାରୁ ମହୋତ୍ତର ଯୀଶୁଖ୍ରୀଷ୍ଟ ଅଟନ୍ତି।। କାରଣ ଯୋହନ କହନ୍ତି, ''ସେ ମୋ ଉତ୍ତାରେ ଆସୁଅଛନ୍ତି, ତାହାଙ୍କ ପାଦୁକାର ବନ୍ଧନ ଫିଟାଇବାକୁ ମୁଁ ଯୋଗ୍ୟ ନୁହେଁ। (ଯୋହନ ୧:୨୭)

ଯେଉଁ ଶିଷ୍ୟ ଯୀଶୁଖ୍ରୀଷ୍ଟଙ୍କ ପ୍ରାର୍ଥନା ଶିଖାଇବା ନିମନ୍ତେ ଅନୁରୋଧ କରିଥିଲେ, ଯୀଶୁ ଯେ କେତେ ମହାନ୍ ଶିକ୍ଷକ ସେ ନିଜେ ଜାଣି ନ ଥିଲେ। ବାପ୍ତିଜକ ଯୋହନ ନିଜେ ସେ ବିଷୟ ସ୍ୱୀକାର କରି କହିଥିଲେ, ''....ସେ ମୋର ପୂର୍ବରେ ଥିଲେ...'' (ଯୋହନ ୧:୩୦)। ଯୀଶୁଖ୍ରୀଷ୍ଟ, ଯୋହନଙ୍କ ଅଗ୍ରଗଣ୍ୟ ଥିଲେ। ଯୀଶୁ ଶାରୀରିକ ଭାବେ ଯୋହନଙ୍କ ଜନ୍ମର ଛଅ ମାସ ପରେ ଜନ୍ମ ଗ୍ରହଣ କଲେ ହେ, ଆତ୍ମା ସେ ଆଦି ଓ ଅନ୍ତ ଅଟନ୍ତି। ସେ ଅନନ୍ତଜୀବି ପରମେଶ୍ୱର ଅଟନ୍ତି, ''ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ। (ଯୋହନ ୧:୧)

ଯୀଶୁଖ୍ରୀଷ୍ଟ ହିଁ ସେହି ପବିତ୍ର, ଶୁଦ୍ଧ, ସମ୍ପୂର୍ଣ୍ଣ ବ୍ୟକ୍ତି ଯେ କି ପ୍ରାର୍ଥନା ବିଷୟରେ ଶିକ୍ଷା ଦେଇ ପାରନ୍ତି। ସେ ଐଶ୍ୱରିକତ୍ୱର ଏକ ବ୍ୟକ୍ତିତ୍ୱ ଅଟନ୍ତି। କେଉଁ ପ୍ରାର୍ଥନା ଈଶ୍ୱରଙ୍କ ଗ୍ରହଣଯୋଗ୍ୟ ସେ ଜାଣନ୍ତି, ସେ ଅତୀତରେ ଅବ୍ରାହାମ, ହାନ୍ନା, ଦାଉଦ, ହଜକିୟଙ୍କ ପ୍ରାର୍ଥନା ଶ୍ରବଣ କରିଥିଲେ। କପଟୀ, ବିଦ୍ରୋହୀ, ପାପୀମାନଙ୍କ ଦେଖି ଅଛନ୍ତି ଓ ଶୁଣିଅଛନ୍ତି, ତାହା ସମ୍ବନ୍ଧରେ ସେ ସାକ୍ଷ୍ୟ ଦିଅନ୍ତି...'' (ଯୋହନ

୩:୩୧ ,୩୨ )

ଲୂକ ୧୧:୧-୬ ପଦରେ ଆମ୍ଭେମାନେ କିପରି ପ୍ରାର୍ଥନା କରିବା ଆବଶ୍ୟକ ଲିଖିତ ହୋଇଅଛି । ଆମ୍ଭମାନଙ୍କ ପ୍ରାର୍ଥନା ପିତା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, ତାହାଙ୍କ ମହିମାର୍ଥେ ହେବା ଆବଶ୍ୟକ । ଆମ୍ଭେମାନେ ଈଶ୍ୱରଙ୍କ ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧି ବିଷୟରେ ବର୍ଣ୍ଣନା କରୁ ।

''ପ୍ରାର୍ଥନା କରିବା ସମୟରେ କପଟୀମାନଙ୍କ ପରି ହୁଅ ନାହିଁ କାରଣ ସେମାନେ ଲୋକ ଦେଖାଇବା ପାଇଁ ସମାଜଗୃହ ଓ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରିବାକୁ ଭଲ ପାଆନ୍ତି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି । କିନ୍ତୁ ତୁମ୍ଭେ ପ୍ରାର୍ଥନା କରିବା ସମୟରେ ତୁମ୍ଭର ଗୁପ୍ତ କୋଠରୀରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାର ରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି । ସେ ତୁମ୍ଭକୁ ଫଳ ଦେବେ ।'' (ମାଥିଉ .୬:୫-୬)

ଦିନକୁ ତିନିଥର ପ୍ରାର୍ଥନା କରିବା ଯିହୂଦୀମାନଙ୍କ ରୀତି ଥିଲା । (ସକାଳ ୯ଟା, ମଧ୍ୟାହ୍ନ ୧୨ ଘଣ୍ଟା ଓ ଅପରାହ୍ନ ୩ ଘଣ୍ଟା) । ଏହି ନିର୍ଣ୍ଣିତ ସମୟରେ ଜଣେ ଯିହୂଦୀ ଯେକୌଣସି କାମରେ ବ୍ୟସ୍ତ ଥିଲେ ହେଁ, ସ୍ଥଗିତ ହୋଇ ଯିରୁଶାଲମ ଅଭିମୁଖେ ଠିଆ ହୋଇ ପ୍ରାର୍ଥନା କରେ । ଏହି ପ୍ରଥାର କୋଟୋଟି ଅସୁବିଧା ମଧ୍ୟ ଥିଲା । ଏହି ପ୍ରଥାର ସାହାଯ୍ୟରେ ଅନେକେ ସମାଜଗୃହ ଛକକୋଣରେ ଠିଆ ହୋଇ ପ୍ରାର୍ଥନା କରି, ଅନ୍ୟମାନଙ୍କ ନିକଟରେ ଧାର୍ମିକପଣ ଦେଖାଉଥିଲେ । ଏପରି ବ୍ୟକ୍ତିମାନଙ୍କ ବିଷୟରେ ଯୀଶୁ କହିଲେ,''ସେମାନେ ଆପଣା ଆପଣା ପୁରସ୍କାର ପାଇଅଛନ୍ତି ।'' (ମାଥିଉ ୫:୫) ଅନ୍ୟ କୌଣସି ପୁରସ୍କାର ସଦାପ୍ରଭୁଙ୍କ ଠାରୁ ଆଶା କରିବା ବୃଥା ।

''ପ୍ରାର୍ଥନା କରିବା ସମୟରେ ଗୁପ୍ତ କୋଠରୀରେ ପ୍ରବେଶ କର, ପୁଣି ତୁମ୍ଭର ଦ୍ୱାରରୁଦ୍ଧ କରି ଗୋପନରେ ଥିବା ତୁମ୍ଭ ପିତାଙ୍କ ଛାମୁରେ ପ୍ରାର୍ଥନା କର, ଆଉ ତୁମ୍ଭର ପିତା ଯେ ଗୋପନରେ ଦେଖନ୍ତି, ସେ ତୁମ୍ଭଙ୍କୁ ଫଳ ଦେବେ ।'' (ମାଥିଉ ୬:୬)

ଆମ୍ଭମାନଙ୍କ ପ୍ରାର୍ଥନା ବିଶ୍ୱାସରେ ଅର୍ପଣ କରୁ ।'' ପୁଣି, ବିଶ୍ୱାସ କରି ପ୍ରାର୍ଥନାରେ ଯାହା କିଛି ମାଗିବ ସେହିସବୁ ପାଇବ ।'' (ମାଥିଉ ୨୧:୨୨) ।

ଆମ୍ଭମାନଙ୍କ ପ୍ରାର୍ଥନା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପିତା ପରମେଶ୍ୱରଙ୍କୁ ଅର୍ପଣ କରୁ। ''ପୁଣି ପିତା ଯେପରି ପ୍ରଭୁଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି । ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩,୧୪)

ପ୍ରାର୍ଥନାରେ ପୁନଃରୁକ୍ତି ନ କରୁ। ତାହା ବୃଥା ! ''ପୁଣି, ପ୍ରାର୍ଥନା କରିବା ସମୟରେ ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି ।'' (ମାଥିଉ ୬:୭,୮)

ପ୍ରାର୍ଥନା ବିଷୟରେ ଶିକ୍ଷା ଦେବା ନିମନ୍ତେ ଯୀଶୁଖ୍ରୀଷ୍ଟ ହିଁ ସକ୍ଷମ ଅଟନ୍ତି । କେଉଁ ପ୍ରକାର ପ୍ରାର୍ଥନା ସଦାପ୍ରଭୁଙ୍କ ଗ୍ରାହ୍ୟଯୋଗ୍ୟ ସେ ଜ୍ଞାତ ଅଟନ୍ତି । ଅତଏବ ଗ୍ରାହ୍ୟଯୋଗ୍ୟ ପ୍ରାର୍ଥନା କରି ସଦାପ୍ରଭୁଙ୍କ ଠାରୁ ଉତ୍ତର ପାଅ । ସଦାପ୍ରଭୁଙ୍କ ସହ ବ୍ୟକ୍ତିଗତ ସମ୍ବନ୍ଧ ରଖିବାରେ ପ୍ରାର୍ଥନା ସାହାଯ୍ୟ କରେ ।

***- K.S. Swamidass***

## ଶୟତାନ ଦ୍ୱାରା ପରୀକ୍ଷିତ
## (Tried by Satan)

ଆୟୁବ, ପୂର୍ବଦେଶୀୟ ଲୋକମାନଙ୍କ ମଧ୍ୟରେ ଏକ ମହାନ୍ ବ୍ୟକ୍ତି ଥିଲେ । ସେ ଏକ ସୁସ୍ଥସବଳ, ଧନସମ୍ପଦ ପୂର୍ଣ୍ଣ, ଗୌରବସମ୍ପନ୍ନ ବ୍ୟକ୍ତି ଥିଲେ। ''.....ଆଉ ସେହି ମନୁଷ୍ୟ ସିଦ୍ଧ ଓ ସରଳ ଓ ପରମେଶ୍ୱର ଭୟକାରୀ ଓ କୁକ୍ରିୟା ତ୍ୟାଗୀ ଥିଲା ।'' (ଆୟୁବ ୧:୧) ବାଇବଲ ବାକ୍ୟ ଅଧ୍ୟୟନକାରୀ ପ୍ରତ୍ୟେକ ଜାଣନ୍ତି, ଆୟୁବଙ୍କୁ ଶୟତାନ କିପରି ପରୀକ୍ଷା କରିଥିଲା ।

ଆୟୁବଙ୍କ ପରୀକ୍ଷା କରିବା ନିମନ୍ତେ ଶୟତାନ ନିଜେ ଯାଇ ନ ଥିଲା । ଆୟୁବଙ୍କୁ କଷ୍ଟ ଦେବା ନିମନ୍ତେ ସେ ଅନ୍ୟମାନଙ୍କୁ ପଠାଇଥିଲା । ଶିବାୟୀମାନେ ଆକ୍ରମଣ କରି ଆୟୁବଙ୍କ ବଳଦ, ଗର୍ଦ୍ଦଭୀ ନେଇଗଲେ....ଆକାଶରୁ ଅଗ୍ନି ପଡ଼ି ମେଷପଲ ଓ ଦାସମାନଙ୍କ ଦଗ୍ଧ କଲା ଏବଂ କଲଦୀୟମାନେ ଆକ୍ରମଣ କରି

ତାହାଙ୍କ ଭ୍ରଷ୍ଟପଲ ନେଇଗଲେ । ସବୁଠାରୁ କଷ୍ଟକର ବିଷୟ ଥିଲା, ''ଏକ ପ୍ରବଳ ବାୟୁ ଆସି ଗୃହର ଚାରି କୋଣରେ ଲାଗନ୍ତେ, ତାହା ଯୁବାମାନଙ୍କ ଉପରେ ପଡ଼ିଲା, ତହିରେ ସେମାନେ ମଲେ....'' (ଆୟୁବ ୧:୧୯) ଏହିସବୁ ବିପତ୍ତି ଏକ ଦିନରେ ଘଟିଥିଲା ।

ଏତେ ବଡ଼ ବିପତ୍ତି ଘଟିଲେ ସୁଦ୍ଧା ଆୟୁବଙ୍କ ପ୍ରତିକ୍ରିୟା କଅଣ ଥିଲା ? ବାକ୍ୟ କହେ, ''ସେତେବେଳେ ଆୟୁବ ଉଠି ଆପଣା ବସ୍ତ୍ର ଚିରିଲା ଓ ଆପଣା ମସ୍ତକ ମୁଣ୍ଡନ କଲା ଓ ଭୂମିରେ ପଡ଼ି ପ୍ରଣାମ କଲା । ଆଉ ସେ କହିଲା, ମୁଁ ମାତାର ଗର୍ଭରୁ ଉଲଙ୍ଗ ଆସିଅଛି ଓ ମୁଁ ଉଲଙ୍ଗ ହୋଇ ସେଠାକୁ ଫେରିଯିବି, ସଦାପ୍ରଭୁ ଦେଲେ ଓ ସଦାପ୍ରଭୁ ନେଇଅଛନ୍ତି, ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ ।'' (୧:୨୦,୨୧)

**ଅଧିକତର କଷ୍ଟ :-** ଏତେ କଷ୍ଟ ସମ୍ଭବ ହେଲେ ହେଁ, ଆୟୁବ ପାପ କଲେ ନାହିଁ, କିଅବା ସଦାପ୍ରଭୁଙ୍କୁ ଦୋଷାରୋପ କଲେ ନାହିଁ । ଶୟତାନ ଆଉ ଥରେ ଆୟୁବଙ୍କୁ ପରୀକ୍ଷା କରିବା ନିମନ୍ତେ ସଦାପ୍ରଭୁଙ୍କୁ ଅନୁମତି ମାଗିବାରୁ, ସଦାପ୍ରଭୁ କହିଲେ, ''........ଦେଖ ସେ ତୁମ୍ଭର ହସ୍ତଗତ, କେବଳ ତାହାର ପ୍ରାଣରକ୍ଷା କର ।'' (୨:୬)

ଏଥିରେ ଆୟୁବଙ୍କ ଦେହରେ ତଳିପାରୁ ମସ୍ତକ ପର୍ଯ୍ୟନ୍ତ ମହାଜ୍ୱାଳାରେ ବିସ୍ଫୋଟକରେ ପୂର୍ଣ୍ଣ ହେଲା, ସେ ସର୍ବାଙ୍ଗ କୁଣ୍ଡାଇବା ପାଇଁ ଖଣ୍ଡେ ଖପରା ନେଇ ଭସ୍ମରେ ମଧ୍ୟରେ ବସିଲେ ।

ଆୟୁବଙ୍କ ନିଜ ଭାଷାରେ ତାହାଙ୍କ ପରିସ୍ଥିତି :

* ଆୟୁବ ୭:୫-''ମୋହର ମାଂସକୀଟ ଓ ଧୂଳିଟେଲା ପରିହିତ, ମୋହର ଚର୍ମ ମିଶିଯାଏ ଓ ପୁନର୍ବାର ଫାଟିଯାଏ ।''
* ଆୟୁବ ୧୭:୧-''ମୋହର ପ୍ରାଣକ୍ଷୟ ପାଉଅଛି ଓ ମୋହର ଦିନ ଅବସାନ ହେଉଅଛି, ମୋ ନିମନ୍ତେ କବର ପ୍ରସ୍ତୁତ ଅଛି ।''
* ଆୟୁବ ୧୯:୧୯-''ମୋହର ସୁହୃଦମାନେ ମୋତେ ଘୃଣା କରନ୍ତି ଓ ଯେଉଁମାନଙ୍କୁ ମୁଁ ସ୍ନେହ କଲି, ସେମାନେ ମୋହର ବିରୁଦ୍ଧ ହୋଇଅଛନ୍ତି ।''
* ଆୟୁବ ୧୯:୨୦-''ମୋ ମାଂସ ଓ ଚର୍ମରେ ମୋହର ଅସ୍ଥି ଲାଗି ରହିଅଛି ଓ ଚର୍ମାବଶିଷ୍ଟନୁ ହୋଇ ବଞ୍ଚିଅଛି । (ଆୟୁବ ୧୯:୨୦)
* ଆୟୁବ ୩୦:୧୭,୧୮-''ରାତ୍ରୀକାଳରେ ମୋହର ଅସ୍ଥି ସବୁ ମୋ ଭିତରେ

ବିଦ୍ଧ ହୁଏ ଓ ମୋତେ କାମୁଡ଼ିବା ବେଦନା ସବୁ ବିଶ୍ରାମ ନିଅନ୍ତି ନାହିଁ । ମୋ ରୋଗର ପ୍ରବଳ ଶକ୍ତିରେ ମୋ ବସ୍ତ୍ର ବିକୃତ ହୋଇଅଛି, ତାହା ମୋ ଜାମାର ଗଳାପଟି ପରି ମୋତେ ଚାରିଆଡ଼େ ବାନ୍ଧେ ।''

* ଆୟୁବ ୩୦:୩୦-''ମୋହର ଚର୍ମ କୃଷ୍ଣ ବର୍ଣ୍ଣ ହୋଇ ମୋ' ଠାରୁ ଝଡ଼ି ପଡୁଅଛି ଓ ମୋ ଅସ୍ଥିସବୁ ଉତ୍ତାପରେ ଦଗ୍ଧ ହୋଇଅଛି ।''

**ମୁର୍ଖ ଉପଦେଶ :**

ଆୟୁବଙ୍କ ସଦୃଶ୍ୟ ଆୟୁବଙ୍କ ଶ୍ରୀମତୀଙ୍କ ମଧ୍ୟ କ୍ଷତି ହୋଇଥିଲା । ଆୟୁବଙ୍କ ଦୁଃସ୍ଥିତି ଦେଖି ସେ ତାହାଙ୍କୁ ନିନ୍ଦା କରିବାକୁ ଲାଗିଲା । ସେ ସ୍ୱାମୀଙ୍କ ଦୁଃଖରେ ସହାନୁଭୂତି ନ ଦେଖାଇ, ନିଜେ ଶୟତାନର ଏକ ଅସ୍ତ୍ର ରୂପେ ଆୟୁବଙ୍କ ବିରୁଦ୍ଧରେ କଥା କହିଥିଲେ । ସେ ଶାପ ଦେଇ କହିଲେ, ''.....ପରମେଶ୍ୱରଙ୍କୁ ପରିତ୍ୟାଗ କରି ମର ।'' (୧:୯) ଆୟୁବଙ୍କୁ କଠିନ କଥା କହିବା ପରେ, ଶ୍ରୀମତୀ ଆୟୁବଙ୍କ ବିଷୟରେ ଆଉ କିଛି ବାଇବଲରେ ଲିଖିତ ହୋଇନାହିଁ । ଆୟୁବଙ୍କ କ୍ଳେଶର ସମାପ୍ତି ପରେ ସେ ଦ୍ୱିଗୁଣ ଭାବେ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ, କିନ୍ତୁ ତାହାଙ୍କ ଭାର୍ଯ୍ୟା ସେ ଦ୍ୱିଗୁଣ ଆଶୀଷର ସହଭାଗୀ ହେଲେ କି ନାହିଁ, ଧର୍ମଶାସ୍ତ୍ରରେ ଲିଖିତ ହୁଏ ନାହିଁ ।

ଆପଣା ଭାର୍ଯ୍ୟାର ଶାପ ବଚନର ପ୍ରତ୍ୟୁତ୍ତରରେ ଆୟୁବଙ୍କ ଧାର୍ମିକତା ପ୍ରକାଶ ପାଏ । ସେ କୋମଳ ଭାବେ ତାହାଙ୍କୁ ଉତ୍ତର ଦେଇ କହିଥିଲେ, ''.....ତୁମ୍ଭେ ଏକା ମୁଢ଼ା ସ୍ତ୍ରୀ ପରି କଥା କହୁଅଛ.....'' (୨:୧୦) ସେ ବିରୁଦ୍ଧୀ ଶୟତାନର ବଶତା ଅସ୍ୱୀକାର କରିଥିଲେ । ଶୟତାନକୁ ଜୟ କରି ବିଜୟୀ ହୋଇଥିଲେ । ସଦାପ୍ରଭୁ ହିଁ ତାହାଙ୍କ ଆଶ୍ରୟ ଓ ଦୃଢ଼ ଦୁର୍ଗ, ଏହା ସେ ଜ୍ଞାତ ଥିଲେ । ସଦାପ୍ରଭୁଙ୍କ ଠାରେ ଦୃଢ଼ ବିଶ୍ୱାସ ତାହାଙ୍କୁ ସର୍ବତୋ ଭାବେ ବିଜୟୀ ହେବାରେ ସାହାଯ୍ୟ କରିଥିଲା ।

ଆୟୁବ ପୁସ୍ତକରେ ଶେଷ ଅଧ୍ୟାୟରେ ତାହାଙ୍କ ଜୀବନରେ ଲେଖାଯାଏ, ''.....ସଦାପ୍ରଭୁ ଆୟୁବଙ୍କୁ ତାହାର ପୂର୍ବ ସମ୍ପଦର ଦ୍ୱିଗୁଣ ପ୍ରଦାନ କଲେ ।'' (୪୨:୧୦) । ଧନ ସମ୍ପଦର ଦ୍ୱିଗୁଣ ସେ ପ୍ରାପ୍ତ ହେଲେ । ତାହାଙ୍କୁ ପୁନଃର୍ବାର ସାତ ପୁତ୍ର ଓ ତିନି କନ୍ୟା ଜନ୍ମିଲେ । ସେ ସୁଖ ଓ ସନ୍ତୋଷରେ ସମସ୍ତ ଆଶୀର୍ବାଦ ସହ ୧୪୦ ବର୍ଷ ପର୍ଯ୍ୟନ୍ତ ଏ ଜଗତରେ ଜୀବନଯାପନ କରି, ଚାରି ପୁରୁଷ ଯାଏ ଆପଣାର ପୁତ୍ରପୌତ୍ରମାନଙ୍କୁ ଦେଖିଲେ ।

ଆୟୁବ ଅଗ୍ନିରେ ପରୀକ୍ଷିତ ହେବା ସଦୃଶ୍ୟ ପରୀକ୍ଷିତ ହୋଇଥିଲେ । ଶୟତାନର ସମସ୍ତ ଚତୁରତାର ସମ୍ମୁଖୀନ ହୋଇ ସୁବର୍ଣ୍ଣ ପରି ବିଜୟୀ ହୋଇଥିଲେ । ଶୟତାନର ସମସ୍ତ ଚାତୁରତା ବିରୁଦ୍ଧରେ ମନୁଷ୍ୟ ବିଜୟୀ ହୋଇପାରେ ବୋଲି ସେ ଆପଣା ଜୀବନ ଦ୍ୱାରା ପ୍ରମାଣିତ କରିଥିଲେ ।

***- Betty Tucker***

# ଅଗ୍ନିବାହନରେ ପ୍ରସ୍ଥାନ
## (A fiery Departure)

ପ୍ରଥମ ରାଜାବଳିର ପୁସ୍ତକରେ ଦୁଇ ପ୍ରଧାନ ଭାବବାଦୀମାନଙ୍କ ବିଷୟ ପଢ଼ିପାରୁ ! ସେମାନଙ୍କ ନାମ ଏଲିୟ ଓ ଇଲୀଶାୟ । ଏହା ଦୁର୍ଭିକ୍ଷର ସମୟ । ତିନିବର୍ଷ ଓ ଛଅମାସ ପର୍ଯ୍ୟନ୍ତ ଦେଶରେ ବୃଷ୍ଟି ହେଲା ନାହିଁ । ଶୁଷ୍କ ଭୂମି, ଜଳ ଅଭାବ, ଘାସ ବିନୁ ବନ୍ୟପଶୁଙ୍କ ମୃତ୍ୟୁ ଭୋଗି ଦେଶ ହାହାକାର ହେଲା । ଶୁଷ୍କ ଓ କଠିନ ଭୂମିରେ ହଳ ଚଳାଇବା କଷ୍ଟମୟ ଥିଲା ।

**ବୃତ୍ତିର ପରିବର୍ତ୍ତନ :-** ଇଲୀଶାୟ ଏକ ଚାଷୀ ଥିଲେ । ଏକ ଦିନରେ ସେ ବାର ହଳ ବଳଦ ସହ ହଳ ବୁଲାଉଥିଲେ । ଇଲୀଶାୟ ଦ୍ୱାଦଶ ହଳରେ ଥିଲେ । ଏଲୀୟ ତାହାଙ୍କ ନିକଟକୁ ଯାଇ ଆପଣା ବସ୍ତ୍ର ତାଙ୍କ ଉପରେ ପକାଇଲେ । ବସ୍ତ୍ର ପକାଇବାର ଅର୍ଥ ସେ ଦୁହେ ଜ୍ଞାତ ଥିଲେ ।

ଏଲୀୟଙ୍କ ପରିଚର୍ଯ୍ୟାରେ ଇଲୀଶାୟ ଏକ ଅଂଶୀଦାର ହେଲେ ବୋଲି ସେ ଜ୍ଞାତ ହୋଇ, ଏଲୀୟଙ୍କ ସହଭାଗିତାରେ ରହି, ତାହାଙ୍କ ପରିଚର୍ଯ୍ୟା କଲେ । ଏଲୀୟଙ୍କ ନିକଟରେ ରହି ଏଲୀୟଙ୍କ ପରିଚର୍ଯ୍ୟାର ମର୍ମ ବୁଝି ସେ ନିଜେ ସେ କାର୍ଯ୍ୟ କରିବା ନିମନ୍ତେ ଆପଣାକୁ ପ୍ରସ୍ତୁତ କଲେ ।

''ଏଲୀୟ, ଇଲୀଶାୟଙ୍କ ହାତରେ ଜଳ ଢ଼ାଳିଲେ'' ବୋଲି ବାକ୍ୟରେ ଲେଖାଯାଏ । ଇଲୀଶାୟଙ୍କ ଦ୍ୱାରା ଇଶ୍ରାଏଲ ଦେଶରେ ଅନେକ କାର୍ଯ୍ୟ ସାଧିତ ହୋଇଥିଲା ।

ଏହି ଦୁଇ ଭାବବାଦୀମାନେ ସଦାପ୍ରଭୁଙ୍କ ପରିଚର୍ଯ୍ୟାରେ ସୁଶିକ୍ଷିତ, ସୁଦକ୍ଷ ଛାତ୍ର ଥିଲେ । ସେ ଦୁହେଁ ମିଶି ଦଶବର୍ଷ ସଦାପ୍ରଭୁଙ୍କ ପରିଚର୍ଯ୍ୟା କରିଥିଲେ । ଏଲୀୟଙ୍କ ସ୍ୱର୍ଗକୁ ପ୍ରସ୍ଥାନ କରିବାର ସମୟ ଉପସ୍ଥିତ ହେଲା, ଏଲୀୟଙ୍କୁ ଏକାକୀ ବୈଥେଲ ଯିବାକୁ ପଡ଼ିଲା । କିନ୍ତୁ ଇଲୀଶାୟ କହିଲେ, ''....ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ ଓ ଆପଣଙ୍କ ପ୍ରାଣ ଜୀବିତ ଥିବା ପ୍ରମାଣେ ମୁଁ ଆପଣଙ୍କୁ ଛାଡ଼ିବି ନାହିଁ ।'' (୨ ରାଜାବଳି ୨:୨) ।

ଦୂରରୁ ଭାବବାଦୀମାନେ (ଛାତ୍ରମାନେ) ଦେଖୁ ଦେଖୁ ଏହି ଦୁଇ ସଦାପ୍ରଭୁଙ୍କ ଭାବବାଦୀମାନେ ଯର୍ଦ୍ଦନ ତୀରରେ ପହଞ୍ଚିଲେ । ''ଏଥିରେ ଏଲୀୟ ଆପଣା ବସ୍ତ୍ର ନେଇ ଏକତ୍ର ଗୁଡ଼ାଇ ଜଳକୁ ଆଘାତ କଲେ, ତହିଁରେ ଜଳ ଏପାଖ ସେପାଖ ବିଭକ୍ତ ହୋଇଯାନ୍ତେ, ସେ ଦୁହେଁ ଶୁଷ୍କ ଭୂମି ଦେଇ ପାର ହୋଇଗଲେ ।'' (୨ ରାଜାବଳି ୨:୨) ଯୁବ ଭାବବାଦୀମାନେ ଏହି କର୍ମର ସଚକ୍ଷୁ ସାକ୍ଷୀ ଥିଲେ ।

ସେମାନେ ଯର୍ଦ୍ଦନ ପାର ହେବା ପରେ, ଏଲୀୟ ଇଲୀଶାୟଙ୍କୁ ପଚାରିଲେ, ''....ମୁଁ ତୁମ୍ଭ ପାଇ କଅଣ କରିବ, ଏହା ତୁମ୍ଭ ନିକଟରୁ ଅନ୍ତରିତ ହେବା ପୂର୍ବରୁ ମାଗ । ତହିଁରେ ଇଲୀଶାୟ କହିଲେ, ମୁଁ ବିନୟ କରୁଅଛି, ଆପଣଙ୍କ ଦୁଇଗୁଣ ଆତ୍ମାର ଅଂଶ ମୋ ଉପରେ ବର୍ତ୍ତୁ । ଏଥିରେ ସେ କହିଲେ, ତୁମ୍ଭେ ଦୁଃସାଧ ବିଷୟ ମାଗିଲ, ତଥାପି ମୁଁ ତୁମ୍ଭ ନିକଟରୁ ଅନ୍ତରିତ ହେବା ବେଳେ ଯେବେ ତୁମ୍ଭେ ମୋତେ ଦେଖିବ, ତେବେ ତୁମ୍ଭ ପ୍ରତି ତଦ୍ରୁପ ବର୍ତ୍ତିବ, ତାହା ନ ହେଲେ ବର୍ତ୍ତିବ ନାହିଁ ।'' (୨ ରାଜାବଳି ୨:୧୬) । ଇଲୀଶାୟ ଧନ ସମ୍ପଦ, ଶକ୍ତି, ଗୌରବ ଏଲୀୟଙ୍କୁ ବର ରୂପେ ମାଗି ପାରିଥାନ୍ତେ । କିନ୍ତୁ ଆତ୍ମିକ ଜ୍ଞାନ ଓ ଆତ୍ମିକ ଶକ୍ତିର ଦୁଇଗୁଣ ପ୍ରାର୍ଥନା କରିଥିଲେ ।

ଇଲୀଶାୟ ସଦାପ୍ରଭୁଙ୍କ ସେବକ ଏଲୀୟଙ୍କ ସହ ଦଶବର୍ଷ କାର୍ଯ୍ୟ କରିଥିଲେ । ଏଲୀୟଙ୍କ ପାଦଚିହ୍ନରେ ଗମନ କରିବା ନିମନ୍ତେ, ତାହାଙ୍କୁ ଆପଣା ଶକ୍ତିରୁ ଅତିରିକ୍ତ ଭାବେ ଶକ୍ତି ଆବଶ୍ୟକ ବୋଲି ସେ ଜ୍ଞାତ ଥିଲେ । ତେଣୁକରି ସେ, ଏଲୀୟଙ୍କ ଆତ୍ମାର ଦ୍ୱିଗୁଣ ବର ରୂପେ ମାଗିଥିଲେ । ''ଏହିରୂପେ ସେମାନେ ଯାଉ ଯାଉ ଓ କଥାବାର୍ତ୍ତା କରୁ କରୁ ଦେଖ, ଏକ ଅଗ୍ନିମୟ ଅଶ୍ୱବିମାନ ଉପସ୍ଥିତ ହୋଇ ସେ ଦୁହିଁଙ୍କି ପୃଥକ କଲା, ପୁଣି ଏଲୀୟ ଘୂର୍ଣ୍ଣିବାୟୁରେ ସ୍ୱର୍ଗାରୋହଣ କଲେ ।'' (୨ୟ ରାଜାବଳି ୨:୧୧)

ଆକାଶରୁ ପଡ଼ିଥିବା ଏଲୀୟଙ୍କ ବସ୍ତ୍ର ଇଲୀଶାୟ ଉଠାଇ ନେଲେ । ସେ ଆପଣା ବସ୍ତ୍ର ଦୁଇଖଣ୍ଡ କରି ଚିରିଲେ । ଏଲୀୟଙ୍କ ବସ୍ତ୍ର ପ୍ରାପ୍ତ ହେବା ପରେ, ତାହାଙ୍କୁ ଆପଣା ବସ୍ତ୍ରର ଆବଶ୍ୟକ ନୋହିଲା । ଏଲୀୟଙ୍କ ଅଗ୍ନିବାହନରେ ପ୍ରସ୍ଥାନ ଇଲୀଶାୟ ଦେଖିଥିବାରୁ, ସେ ତାହାଙ୍କ ଆତ୍ମାର ଦ୍ୱିଗୁଣ ଅଂଶୀଦାର ହୋଇଥିଲେ ।

ଏଲୀୟଙ୍କ ସଦୃଶ୍ୟ ବସ୍ତ୍ର ଗୁଡ଼ାଇ ଯର୍ଦ୍ଦନକୁ ଆଘାତ କରନ୍ତେ, ଯର୍ଦ୍ଦନ ଦୁଇ ଭାଗରେ ବିଭକ୍ତ ହେଲା, ସେ ଯର୍ଦ୍ଦନ ନଦୀର ଶୁଷ୍କ ଭୂମିରେ ଯର୍ଦ୍ଦନ ନଦୀ ପାର ହେଲେ । ଏହି ଯୁବ ଭାବବାଦୀ ପରମେଶ୍ୱରଙ୍କ ଶକ୍ତି, ତାହାଙ୍କ ସାଧିତ ହେବାରେ, ଆହୁରି ନିଶ୍ଚୟତାରେ ଦୃଢ଼ ସଂକଳ୍ପରେ, ଆତ୍ମାଙ୍କ ବଳରେ ପରମେଶ୍ୱରଙ୍କ ପରିଚର୍ଯ୍ୟାରେ ଆଗେଇ ଯାଇଥିଲେ ।

**- Betty Tucker**

## They Shall Mount Up with Wings Like Eagles Isaiah 40:31

**Introduction:**

A. Matthew 28:19,20; Mark 16:15,16.

B. We have a great challenge before us.

C. An enormous task to perform for our Lord.

D. God has given us the strength to do it.

**I Wait on the Lord.**

A. We must learn to wait in faith on the Lord (Psalm 27:14).

B. We must learn to wait patiently on the Lord (Psalm 37:7).

C. When we wait patiently on the Lord, we understand that God gives the increase and not we ourselves (1 Corinthians 3:6,9).

**II. Renew Their Strength.**

A. Our inner person needs to be strengthened for the task before us (Ephesians 3:16).

B. We can meet the task before us with success if we learn to depend on Christ for our strength (Philippians 4:13).

C. We will be able to say, "The Lord stood with me and strengthened me" (2 Timothy 4:17).

**III. They Shall Run and Not Grow Weary.**

A. We must run with horses and not men (Jeremiah 12:5).

B. We must run in such a way as to win the prize (1

Corinthians 9:24).

C. We must not grow weary as we run for the Master (1.Thessalonians 3:13).

D. We must run with endurance, keeping our eyes on Jesus (Hebrews 12:1,2).

**Conclusion:**

A. You can soar on wings like eagles if you will:

1. Wait on the Lord.
2. Renew your strength.
3. Run and not grow weary.

B. You can soar on wings like eagles.

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)